# Akashvani, Sambalpur

## SAMBALPURI NEWS EVENING BULLETIN

**7 February 2026 - 7.02 pm- 7.12 pm.**

**************************************************

୧- ଓଡ଼ିଶା ଗସ୍ତ ସାରିକରି ଛତିଶ୍‌ଗଡ୍ ଗଲେ ରାଷ୍ଟ୍ରପତି ।

୨- ଭୁବ୍‌ନେଶ୍ୱର୍-କଟକ୍- ପୁରୀ- ପାରାଦ୍ୱୀପ୍ ଅର୍ଥନୈତିକ ଅଂଚଲ୍-ବିସିପିପିଇଆର୍ ଲାଗି ଅର୍ଥନୈତିକ୍ ଯୋଜ୍‌ନାର୍ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ ।

- କହେଲେ, ଇ କ୍ଷେତ୍ର ଦେଶର୍ ଅର୍ଥନୈତିକ୍ ଅଭିବୃଦ୍ଧିଥି ନେବା ଗୁରୁତ୍ୱପୂର୍ଣ୍ଣ ଭୂମିକା ।

୩- ଆଏବା ମାସ ୧୪ ତାରିଖ୍ ହେବା ମହାନଦୀ ଜଳ ବିବାଦ୍‌ର ଶୁଣାଣି ।

ଆଉର୍

୪- ଟି-ଟ୍ୱେଂଟି ପୁରୁଷ ବିଶ୍ୱକପ୍‌ର ୧୦ ନମ୍ୱର୍ ସଂସ୍କରଣ୍ ଆଏଜ୍‌ଠାନୁ ହେଲା ମୁଲ୍ ।

- ମୁମ୍ବାଇର୍ ଓ୍ୱାଙ୍ଖେଡ଼େ ଷ୍ଟାଡ଼ିୟମ୍ ନ ଭାରତ୍ ଆର୍ ଆମେରିକା ଭିତ୍‌ରେ ଚାଲିଛେ ମେଚ୍ ।

ରାଷ୍ଟ୍ରପତିଙ୍କ ପ୍ରତ୍ୟାବର୍ତ୍ତନ୍       ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୬ ଦିନିଆ ଓଡ଼ିଶା ଗସ୍ତ ସାରିକରି ଆଏଜ୍ ଛତିଶ୍‌ଗଡ଼୍‌ର ଜଗ୍‌ଦଲ୍‌ପୁର୍ ନ ହେଇଥିବା ବସ୍ତର୍‌ର ପାଣ୍ଡମ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇଛନ୍ । ଇତାର୍ ଆଘୋନୁ ଆଏଜ୍ ଲୋକ୍‌ଭବନ୍ ନ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ -ଶ୍ରୀମତୀ ମୁର୍ମୁଙ୍କୁ ଭେଟିକରି ରାଜ୍ୟର୍ ବିକାଶ୍‌ଗାଥା ବାବଦ୍ ବହି 'ପ୍ରଗତି ପ୍ରବାହ' ଦେଇଥିଲେ । ରାଷ୍ଟ୍ରପତିଙ୍କର୍ ଇ ଗସ୍ତ ରାଜ୍ୟ ଲାଗି ବହୁତ୍‌ଟେ ସ୍ମରଣୀୟ ଆଉ ଉତ୍ସାହଜନକ୍, ତାଙ୍କର୍ ମାର୍ଗଦର୍ଶନ୍ ବିକଶିତ୍ ଓଡ଼ିଶାର୍ ସଂକଳ୍ପକେ ସିଦ୍ଧ କର୍‌ବାର୍ ଦିଗେ ସବୁବେଲେ ପ୍ରେରଣା ଦେବା ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ । ପଛେ ଭୁବ୍‌ନେଶ୍ୱର୍ ବିମାନ୍ ବନ୍ଦର୍ ଠାନେ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି, ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ଆଉ ବି.ଏମ୍.ସି. ମେୟର୍ ସୁଲୋଚନା ଦାସ ରାଷ୍ଟ୍ରପତିଙ୍କୁ ବିଦାୟ ସମ୍ବର୍ଦ୍ଧନା ଜନେଇଥିଲେ ।

ମୁଖ୍ୟମନ୍ତ୍ରୀ- ବିସିପିପିଇଆର୍       ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ପରିସର୍ ନ ଆଏଜ୍ ଭୁବ୍‌ନେଶ୍ୱର୍-କଟକ୍-ପୁରୀ- ପାରାଦ୍ୱୀପ୍ ଅର୍ଥନୈତିକ ଅଂଚଲ୍-ବିସିପିପିଇଆର୍ ଲାଗି

ଗୁଟେ ଅର୍ଥନୈତିକ୍ ଯୋଜ୍ନାର୍ ଶୁଭାରମ୍ଭ କରିଛନ୍ । ନୀତି ଆୟୋଗ୍ ତର୍ଫୁ ତିଆର୍ ହେଇଥିବା ଇ ଅର୍ଥନୈତିକ୍ ଯୋଜ୍ନା ଜରିଏ ବିସିପିପିଇଆର୍ ଇଲାକାକେ ରାଜ୍ୟର୍ ଅର୍ଥନୈତିକ୍ ଅଭିବୃଦ୍ଧିର୍ କେନ୍ଦ୍ରସ୍ଥଲ୍ ଭାବେ ବିକଶିତ୍ କରାଯିବା । ଦେଶର୍ ଅର୍ଥନୈତିକ୍ ଅଭିବୃଦ୍ଧିଥି ଇ କ୍ଷେତ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବା । ବିସିପିପିଇଆର୍ ୨୦୨୫ ମସିହାତକ୍ ଅର୍ଥନୀତିର୍ ୨୨ ଦଶ୍ମିକ୍ ୪ ବିଲିୟନ୍ ଡଲାର୍ ଥିଲା ବେଲ୍କେ ୨୦୪୭ତକ୍ ଇତାକେ ୫ ଶହ ବିଲିୟନ୍ ଡଲାର୍ କର୍ବାର୍ ଲକ୍ଷ୍ୟ ରଖାଯାଇଛେ ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ । ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍, କେନ୍ଦ୍ର ସର୍କାର୍ ୨୦୨୬-୨୭ ବଜେଟ୍ଥି ଦେଶର୍ ସହରୀ ଇଲାକାମାନ୍କେ ସିଟି ଇକୋନୋମି ରିଜିଅନ୍ ପରିକଳ୍ପନା କରିଛନ୍ । ଫି’ ସିଟି ଇକୋନୋମିକ୍ ରିଜିଅନ୍କେ ୫ ହଜାର୍ କୋଟି ଟଙ୍କା ଲେଖା ବ୍ୟବସ୍ଥା କରାଯାଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

କାର୍ଯ୍ୟକ୍ରମ୍ଥି ରାଜ୍ୟ ଗୃହ ଆଉ ନଗର୍ ଉନ୍ନୟନ୍ ମନ୍ତ୍ରୀ ଡାକ୍ତର୍ କୃଷ୍ଣଚନ୍ଦ୍ର ମହାପାତ୍ର, ଶିଳ୍ପମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ, ନୀତି ଆୟୋଗ୍ର ସିଇଓ ବି.ଭି.ଆର୍. ସୁବ୍ରମଣ୍ୟମ୍ ଆର୍ ସଦସ୍ୟ ରାଜୀବ୍ ଗୋଓ୍ୱା ପ୍ରମୁଖ ଯୋଗ୍ ଦେଇଥିଲେ । ବିସିପିପିଇଆର୍ ଅର୍ଥନୈତିକ ଯୋଜ୍ନାଥି ୮୦ ନୁ ଅଏତ୍କା

ପ୍ରକଳ୍ପ ଆଉ ୩୦ ନୁ ଅଏତ୍କା ନୀତି  କାର୍ଯ୍ୟକାରୀ କର୍ବାର୍କେ ଯୋଜ୍ନା କରାଯାଇଛେ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ-ବଜେଟ୍          ଭୁବ୍ନେଶ୍ୱର୍ ସମ୍ବାଦଦାତା

୨୦୨୬-୨୭ ବଜେଟ୍ ଗୁଟେ ଭବିଷ୍ୟବାଦୀ, ଯୁବଶକ୍ତି କୈନ୍ଦ୍ରିକ, ଜନହିତକର ଆଉ ନିଯୁକ୍ତିଭିତିକ ବଜେଟ୍ ଆଏ ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ଭୁବ୍ନେଶ୍ୱର୍ ଠାନେ ଗୁଟେ ସାମ୍ବାଦିକ୍ ସମ୍ମିଲନୀଥି କେନ୍ଦ୍ରୀୟ ବଜେଟ୍ ବାବ୍ଦେ ଶ୍ରୀ ପ୍ରଧାନ୍ କହିଛନ୍, ଭାରତ୍ ଇହାଦେ ୪ ଦଶ୍ମିକ୍ ୧/୮ ଟ୍ରିଲିୟନ୍ ଡଲାର୍ ସହେତେ ପୁର୍ଥିର୍ ୪ ନମ୍ବର୍ ବଡ଼ ଅର୍ଥନୀତି ହେଇଛେ । ୨ ଟ୍ରିଲିୟନ୍ ଡଲାର୍ ଅର୍ଥନୀତିଥି ପୁହୁଁଚିବାର୍କେ ଦେଶ୍କେ ୬୭ ବଛର୍ ଲାଗିଥିଲା, ମାତରକ ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ୨୦୧୪- ନୁ ୨୪ ମସିହା ଭିତ୍ରେ ଦେଶର୍ ଅର୍ଥନୀତି ୪ ଟିଲିୟନ୍ ପାର୍ କରିଛେ । ୨୦୪୭ ମସିହାତକ୍ ଇଟା ୩୦ ଟ୍ରିଲିୟନ୍ ଡଲାର୍ କର୍ବାର୍କେ ଲକ୍ଷ୍ୟ ରଖାଯାଇଛେ । ଇ ବଛର୍ ବଜେଟ୍ଥି ଭିତିଭୂମି ଲାଗି ୫ ଲାଖ୍ କୋଟି ଟଙ୍କା, ରେଲ୍, ବିମାନ୍, ରାସ୍ତା ଆଉ ଜଲ୍ପଥ୍ ଲାଗି ଖର୍ଚ୍ଚା କରାଯିବା । ବଜେଟ୍କେ ସବୁ କ୍ଷେତ୍ରକେ ବିଚାର୍କେ ନିଆଯାଇଛେ, ଯେନ୍ଟାକି ବିକଶିତ୍ ଭାରତ୍ ଲକ୍ଷ୍ୟ ହାସଲ୍ କର୍ବାର୍କେ ସାହାଜ୍ କର୍ବା ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ ।

ଧର୍ମେନ୍ଦ୍ର ପ୍ରଧାନ୍- ମଜ୍‌ଦୁର୍ ସଂଘ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଷ୍ଟ୍ର ଗଠନ୍, ଜାତୀୟତାବାଦ୍ ଆଉ ବିକଶିତ୍ ଭାରତ୍ ନିର୍ମାଣ୍‌ରେ ଶ୍ରମିକ୍‌ମାନ୍‌କର୍ ଯୋଗଦାନ୍ ଆଉ ଭୂମିକା ବହୁତ୍ ଗୁରୁତ୍ୱପୂର୍ଣ୍ଣ ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ପୁରୀ ବଗଲା ଧର୍ମଶାଳା ନ ହେଇଥିବା ଭାରତୟ ମଜ୍‌ଦୁର୍ ସଂଘର୍ ୨୧ ତମ ଅଖିଳ ଭାରତୀୟ ସମ୍ମିଳନୀରେ ଯୋଗ୍ ଦେଇକରି ଶ୍ରୀ ପ୍ରଧାନ୍ କହିଛନ୍, ଦେଶର୍ ଶ୍ରମିକମାନ୍‌କର୍ ପରିଶ୍ରମ ଆଉ ଦକ୍ଷତା ବଲେ ଭାରତ୍‌ର ଅର୍ଥନୀତି ମଜଭୁତ୍ ହେଉଛେ । ଶ୍ରମ ଶକ୍ତିକେ ସମ୍ମାନ୍ ଦେଲେ ଅର୍ଥନୀତି ଦୁଇଗୁନା ହେବା ।

(ଭଏସ୍ ଓଭର୍-ଶ୍ରୀ ପ୍ରଧାନ୍)

ଶ୍ରୀ ପ୍ରଧାନ୍ କହିଛନ୍, ଦେଶେ ଇହାଦେ ୫୦ କୋଟି ଲୋକ୍ ଶ୍ରମିକ୍ ଭାବେ କାମ୍ କରୁଛନ୍ । ସେମାନ୍‌କର୍ କଲ୍ୟାଣ୍, ସାମାଜିକ୍ ସୁରକ୍ଷା ଲାଗି ଭାରତୀୟ ମଜଦୁର ସଂଘର୍ ଇ ସମ୍ମିଳନୀ ବେଶ୍ ସହାୟକ୍ ହେବା ବଲି କେନ୍ଦ୍ରମନ୍ତ୍ରୀ କହିଛନ୍ ।

ଅବକାରୀ କ୍ରୀଡ଼ା ଉତ୍ସବ ଆଇ.ଆଣ୍ଡ୍.ପି.ଆର୍

ରାଏଜେ ଖୋବ୍ ଜଲ୍ଦି ନୂଆଁ ଅବକାରୀ ଆଇନ୍ ଲାଗୁ କରାଯିବା ବଲି ଆଇନ୍, ପୂର୍ତ ଆଉ ଅବକାରୀମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍, କଟକ୍ ନ ୨୧ ନମ୍ବର୍ ବାର୍ଷିକ ଅବକାରୀ କ୍ରୀଡ଼ା ଉସ୍ବବ୍କେ ଉଦ୍ଘାଟନ୍ କରିକରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍, ବିଭାଗ୍ ତର୍ଫୁ ନିଶାମୁକ୍ତ ଓଡ଼ିଶା ଅଭିଯାନ୍ ଆହୁରି ବର୍କସ୍ ଭାବେ କାର୍ଯ୍ୟକାରୀ କରାଯିବା । ବେଆଇନ୍ ନିଶା କାର୍ବାର୍ ରୁକ୍ବାର୍ ଲାଗି ଏନ୍ଫୋର୍ସମେଂଟ୍ ଟିମ୍ ଚଢ଼ଉ କଲା ବେଲ୍କେ ବଡ଼ି କେମ୍ରା ବେଭାର୍ କର୍ବେ । ଇତାର୍ ଜରିଏ କୋର୍ଟ ନ ତଦନ୍ତ୍କାରୀ ଅଧିକାରୀ ଭିଡ଼ିଓ ପ୍ରମାଣ୍ ଦେଇପାର୍ବେ । ଅବକାରୀ ବିଭାଗ୍ର ଅଧିକାରୀ ଆଉ କର୍ମଚାରୀମାନ୍କୁ ସଶସ୍ତ୍ର ବାହିନୀ କର୍ବାର୍କେ ଭିଲ୍ ପ୍ରକ୍ରିୟା ମୁଲ୍ ହେଇଛେ ବଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍ ।

ମହାନଦୀ ଜଲ ବିବାଦ୍ ହି.ସ.

ମହାନଦୀ ଜଲ ବିବାଦ୍ର ଶୁଣାଣି ଆଏବା ମାସ ୧୪ ତାରିଖ୍ ଦିନ ହେବା ବଲି ଆଡ୍ଭୋକେଟ୍ ଜେନେରାଲ୍ ପିତାମ୍ବର ଆଚାର୍ଯ୍ୟ କହିଛନ୍ । ଇ ମାସର୍ ଶେଷ୍ ହପ୍ତାନୁ ମାର୍ଚ୍ଚ ମାସର୍ ପହେଲା ହପ୍ତା ଭିତ୍ରେ ମହାନଦୀ ଜଲ୍ବିବାଦ୍ ଟ୍ରିବ୍ୟୁନାଲ୍ର କ୍ଷେତ୍ର ପରିଦର୍ଶନ୍ ସର୍ବାର୍ ଉତ୍ରୁ ଶୁଣାଣି କରାଯିବା । ଆଏବା ଏପ୍ରିଲ୍ ମାସର୍ ୧୩ ତାରିଖ୍ ଦିନ ଟ୍ରିବ୍ୟୁନାଲ୍ର

ଅବଧି ଶେଷ୍ ହେବାର୍‌କେ ଯାଉଛେ । ୨୦୨୭ ମସିହା ମାର୍ଚ୍ଚ ମାସର୍ ୨୭ ତାରିଖ୍‌ତକ୍ ଓଡ଼ିଶା ଆଉ ଛତିଶ୍‌ଗଡ୍ ଟ୍ରିବ୍ୟୁନାଲ୍ ଅବଧି ବଢ଼ାବାର୍ ଲାଗି କେନ୍ଦ୍ର ସର୍‌କାର୍‌ଙ୍କୁ ଅନୁରୋଧ୍ କରିଛନ୍ ।

ଜାତୀୟ ହସ୍ତତନ୍ତ ମେଳା        ଆଇ.ଆଣ୍ଡ୍.ପି.ଆର୍

ଭୁବ୍‌ନେଶ୍ୱର୍ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ ନ ଆଏଜ୍‌ଠାନୁ ଜାତୀୟସ୍ତରୀୟ ହସ୍ତତନ୍ତ ମେଳା ମୁଲ୍ ହେଇଛେ । ସଞ୍ଜ୍‌ବେଲର୍ ୬ ବଜେ ହସ୍ତତନ୍ତ ଆଉ ବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପ୍ ବଲସାମନ୍ତ ମେଳାର୍ ଉଦ୍‌ଘାଟନ୍ କରିଛନ୍ । ଇ ଅବ୍‌ସରେ ଭିନ୍ ଭିନ୍ ଷ୍ଟଲ୍ ଜରିଏ ହସ୍ତତନ୍ତ ଦରବ୍‌ର ପ୍ରଦର୍ଶନ୍ କରାଯାଇଛେ ।

ବିଧାୟକ୍ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍       ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ଜିଲ୍ଲା ନ ଆଏବା କାଏଲ୍‌ଠାନୁ ବିଧାୟକ୍ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍-୨୦୨୬ ମୁଲ୍ ହେବା । ଲୋଇସିଂହା ନିର୍ବାଚନ୍ ମଣ୍ଡଲୀର୍ ୨୬ ଟା ଦଲ୍‌କେ ନେଇକରି ୪ ଟା ଜୋନ୍ ଗଠନ୍ କରାଯାଇଛେ । ଚାର୍‌ହି ଜୋନ୍‌ର ବିଜୟୀ ଦଲ୍‌ମାନ୍‌କୁ ନେଇକରି ଲୋଇସିଂହା ମିନି ଷ୍ଟାଡ଼ିୟମ୍ ନ ସେମିଫାଇନାଲ୍

ଆଉ ଫାଇନାଲ୍ ମେଚ୍ ଖେଲାଯିବା । କାର୍ଯ୍ୟକ୍ରମ୍‌ଥି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ୍ ମହାଲିଙ୍ଗ୍ ଯୋଗ୍‌ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ସମବାୟ ଦକ୍ଷତା ଅଭିବୃଦ୍ଧି ତାଲିମ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଗୋପାଲ୍‌ପୁର୍ ସମବାୟ ପରିଚାଳନା ପ୍ରତିଷ୍ଠାନ୍ ତର୍‌ଫୁ ସହରର୍ ଆର୍‌ଏମ୍‌ସି ଠାନେ ଦିନ୍‌କିଆ ସମବାୟ ଦକ୍ଷତା ଅଭିବୃଦ୍ଧି ତାଲିମ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ହସ୍ତତନ୍ତ ବୁଣାକାର୍ ସମବାୟ ସମିତିର୍ ପରିଚାଳନା ସମିତିର୍ ସଭ୍ୟ ଆଉ ବୟନ ଶିଳ୍ପ କର୍ମଚାରୀମାନେ ଶିବିର୍‌ଥି ଯୋଗ୍ ଦେଇଥିଲେ । ଓଡ଼ିଶା ରାଜ୍ୟ ସମବାୟ ସଂଘର ନିର୍ଦ୍ଦେଶକ୍ କିଶୋର୍ କୁମାର୍ ମେହେର୍ ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇଥିଲେ ।

ସମୀକ୍ଷା ଆଉ ତାଲିମ୍ ଶିବିର ଆର୍‌ଏନ୍‌ୟୁ/ ସମ୍ବଲପୁର

୨୦୨୭ ଜନଗଣନା ଲାଗି ବୌଦ୍ଧ ଜିଲ୍ଲା ନ ଆଏଜ୍ ସମୀକ୍ଷା ଆଉ ତାଲିମ୍ ଶିବିର ହେଇଯାଇଛେ । ଶିବିର୍‌ଥି ଜନଗଣନା କାମ୍‌ଥି ଲାଗିଥିବା ଅଧିକାରୀ ଆଉ କର୍ମଚାରୀମାନ୍‌କୁ ଜନଗଣନା ବାବ୍‌ଦେ ତାଲିମ୍ ଦିଆଯାଇଛେ । ଇ ଅବ୍‌ସରେ

ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଜନଗଣନା ବାଗିର୍ ଗୁଟେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱକେ ସତର୍କତା ଆଉ ନିର୍ଭୁଲ୍ ଭାବେ କର୍ବାର୍କେ ପରାମର୍ଶ ଦେଇଛନ୍ ।

ପଶ୍ଚିମ ଓଡ଼ିଶା ଆନ୍ତଃଜିଲ୍ଲା ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍

ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ବୀର ସୁରେନ୍ଦ୍ର ସାଏ ଷ୍ଟାଡ଼ିୟମ୍ ନ ପଶ୍ଚିମ ଓଡ଼ିଶା ଆନ୍ତଃଜିଲ୍ଲା ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍-୨୦୨୬ ଉଦ୍‌ଘାଟିତ୍ ହେଇଯାଇଛେ । ଉଦ୍‌ଘାଟନୀ ସମାରୋହଥି ରେଙ୍ଗାଲିର୍ ଆଘର୍ ବିଧାୟକ୍ ନାଉରୀ ନାଏକ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଖେଲାଲିମାନ୍‌କୁ ଉତ୍ସାହିତ୍ କରିଥିଲେ । ଜିଲ୍ଲା ମାଷ୍ଟର୍ସ ଆଥ୍‌ଲେଟିକ୍ ସଂଘ ତର୍ଫୁ ହେଇଥିବା ଟୁର୍ଣ୍ଣାମେଂଟ୍‌ଥି ୧୦ ଟା ଜିଲ୍ଲା ଭାଗ୍ ନେଇଛନ୍ । ଉଦ୍‌ଘାଟନୀ ମେଚ୍‌ଥି ସମ୍ବଲ୍‌ପୁର୍ ଜିଲ୍ଲା ୬-୧ ଗୋଲ୍‌ଥି ବୌଦ୍ଧ ଦଲ୍‌କେ ହରେଇଛେ । ଆଏବା କାଏଲ୍ ଝାର୍‌ସୁଗୁଡ଼ା ଆଉ ସମ୍ବଲ୍‌ପୁର୍ ଭିତ୍‌ରେ ମେଚ୍ ଖେଲାଯିବା ।

ଟି-ଟ୍ୱେଂଟି ବିଶ୍ୱକପ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ- ଆଇସିସି ତର୍ଫୁ ଟି-ଟ୍ୱେଂଟି ପୁରୁଷ ବିଶ୍ୱକପ୍‌ର ୧୦ ନମ୍ବର୍ ସଂସ୍କରଣ୍ ଆଏଜ୍‌ଠାନୁ ମୁଲ୍ ହେଇଛେ ।  ମୁମ୍ବାଇର୍ ୱାଙ୍ଖଡ଼େ ଷ୍ଟାଡ଼ିୟମ୍ ନ ସଞ୍ଜ୍‌ବେଲର୍ ୭ ବଜେ ଭାରତ୍ ଆଉ ଆମେରିକା ଭିତ୍‌ରେ ଖେଲ୍ ମୁଲ୍ ହେଇଛେ । ଆମେରିକା ଦଲ୍ ଟସ୍ ଜିତିକରି ପହେଲା ବୋଲିଂ କର୍‌ବାର୍‌କେ ନିଷ୍ପତି ନେଇଛେ । ଭାରତୀୟ ଦଲ୍ ତର୍ଫୁ ଇଷାନ୍ କିଷାନ୍ ଆଉ ଅଭିଷେକ୍ ଶର୍ମା ଓପନିଂ ବେଟିଂ କରୁଛନ୍ ।

ପହେଲା ଦିନ ଆଏଜ୍ ୩ ଟା ମେଚ୍ ଖେଲାଯାଇଛେ । କଲିକତା ନ ଖେଲାଯାଇଥିବା ମେଚ୍‌ଥି ୱେଷ୍ଟଇଣ୍ଡିଜ୍ ଦଲ୍ ୩୫ ରନ୍‌ଥି ସ୍କଟ୍‌ଲାଣ୍ଡ ଦଲ୍‌କେ ହରେଇଛେ । ସେନ୍ତା ଶ୍ରୀଲଙ୍କାର୍ କଲମ୍ବୋ ନ ଖେଲାଯାଇଥିବା ଆଉ ଗୁଟେ ମେଚ୍‌ଥି ପାକିସ୍ତାନ୍ ଦଲ୍ ୩ ୱିକେଟ୍‌ଥି ନେଦର୍‌ଲାଣ୍ଡ୍ କେ ହରେଇଛେ ।

ସୂଚ୍‌ନା ଅନ୍‌ସାରେ, ଇ ବଛର୍ ଭାରତ୍ ଆଉ ଶ୍ରୀଲଙ୍କା ମିଶିକରି ବିଶ୍ୱକପ୍‌ର ଆୟୋଜନ୍ କରୁଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ବଡ଼୍‌ଭାଗୀ ଜାଗାନ ଶୀତ୍‌ର ପ୍ରଭାବ୍ କମିଛେ । ଆଏବା ୨ ଦିନ୍‌ତକ୍ ପାଗ୍ ଏନ୍ତା ରହେବା । ତାର୍ ଉତ୍‌ରୁ ରାତିର୍ ତାପମାତ୍ରା ୨ ନୁ ୪ ଡିଗ୍ରୀ ତକ୍ କମ୍‌ବା ବଲି ଭୁବନେଶ୍ୱର

ଆଂଚଳିକ୍ ପାଣିପାଗ ବିଜ୍ଞାନ କେନ୍ଦ୍ର ତର୍ଫୁ ଅନୁମାନ କରାଯାଇଛେ ।

ଆଏବା ୨୪ ଘଂଟାଭ ଭିତ୍ରେ ଗଞ୍ଜାମ୍, ଜଗତ୍ସିଂହପୁର୍ ଆର୍ ପୁରୀ ଜିଲ୍ଲା ନ ହାଲ୍କାନୁ ମଧ୍ୟମ ଧରଣର କୁହୁଡ଼ି ହେବା ବଲି କେନ୍ଦ୍ର ତର୍ଫୁ କୁହାଯାଇଛେ ।